**ଫେରାର ଅଭିଯୁକ୍ତ ଗିରଫ**

ବଇଣ୍ଡା,୮।୨(ପରିକ୍ଷିତ ସାହୁ): ଅନୁଗୋଳ ଜିଲା ଠାକୁରଗଡ଼ ପୋଲିସ ବୁଧବାର ପାଇକସାହି ଗ୍ରାମରେ ଚଢାଉ କରି ଫେରାର ଥିବା ଅଭିଯୁକ୍ତ ପ୍ରଦୀପ ବେହେରାଙ୍କୁ ଗିରଫ କରିଛି। ତାଙ୍କ ନାମ ରେ ୨୦୨୧ ମସିହାରୁ ମାମଲା ଥିବାବେଳେ ସେ ଫେରାର ଥିଲେ। ଘରେ ଥିବା ଖବରପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

# ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗୋମିତ୍ର

ଅନୁଗୋଳ, ୮।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାର ଗୋମିତ୍ରମାନେ ନିଯୁକ୍ତି ସମ୍ବନ୍ଧରେ ଗୁରୁବାର ଜିଲାପାଳଙ୍କ ନିକଟରେ ଫେରାଦ୍ ହୋଇଛନ୍ତି। ସେମାନେ ଦର୍ଶାଇଛନ୍ତି, ଜିଲାରେ ୨୨ଟି ପଦବୀ ଖାଲି ରହିଛି। ତେବେ ଏହି ପଦବୀ ପାଇଁ ସରକାର ୨୦୧୮ ମସିହାରେ ସହମତି ପ୍ରକାଶ କରିଥିଲେ। କିନ୍ତୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉକ୍ତ ପଦବୀ ପାଇଁ ପୁନର୍ବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଫଳରେ ଜିଲାରେ କାର୍ଯ୍ୟ କରୁଥିବା ୨୨ ଜଣ ଗୋମିତ୍ର ନିଯୁକ୍ତିରୁ ବଞ୍ଚିତ ହେବେ। ତେବେ ସରକାର ନେଇଥିବା ନିଷ୍ପତ୍ତି ଓ ଏସ୍‌ଓପିକୁ ଅନୁଧ୍ୟାନ କଲେ କାର୍ଯ୍ୟରତ ଗୋମିତ୍ରମାନେ ଉପକୃତ ହେବେ ବୋଲି କୁନା ସାମଲ, ରଞ୍ଜନ କୁମାର ସାହୁ, ନନ୍ଦ କିଶୋର ପ୍ରଧାନ, ଚିତ୍ତରଞ୍ଜନ ବେହେରା, ମନୋଜ କୁମାର ପ୍ରଧାନ, ରୋହିତ କୁମାର ବେହେରା ପ୍ରମୁଖଙ୍କ ସହ ଅନ୍ୟମାନେ ଦାବି କରିଛନ୍ତି।



# ଚାଲି ଚାଲି ଅଯୋଧ୍ୟା ଯାଇଥିବା ଶୁଭମଙ୍କୁ ସମ୍ବର୍ଦ୍ଧନା



ତାଳଚେର ହାଟତୋଟା ହନୁମାନ ମନ୍ଦିରରେ ଶୁଭମଙ୍କ ସହ ଅନ୍ୟମାନେ।

ତାଳଚେର,୮।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରରୁ ଚାଲି ଚାଲି ଅଯୋଧ୍ୟା ଯାଇ ରାମଲାଲାଙ୍କୁ ଦର୍ଶନ କରି ଫେରିଥିବା ଯୁବ ରାମଭକ୍ତ ଶୁଭମ ସାହୁ (୨୨)ଙ୍କୁ ତାଳଚେରଠାରେ ଗୁରୁବାର ସମ୍ବର୍ଦ୍ଧନା ଦିଆଯାଇଛି। ଗତ ଜାନୁଆରୀ ୪ରୁ ସେ ତାଳଚେରରୁ ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ। ୩୦ ଦିନ ପଦଯାତ୍ରା ସହ ୧୦୦୦ କିଲୋମିଟର ରାସ୍ତା ଅତିକ୍ରମ କରି ଫେବୃଆରୀ ୨ରେ ଅଯୋଧ୍ୟାରେ ପହଞ୍ଚି ରାମଲାଲାଙ୍କ ଦର୍ଶନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ। ଗତ ୬ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ଶୁଭମଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଗୁରୁବାର କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ସ୍ତ୍ରୀ ତଥା ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ଅଧ୍ୟକ୍ଷା ମୃଦୁଳା ଠାକୁର ପ୍ରଧାନ ଶୁଭମଙ୍କୁ ନୂଆଦିଲ୍ଲୀରୁ ତାଳଚେର ଆଣି ହାଟତୋଟା ହନୁମାନ ମନ୍ଦିରରେ ପହଞ୍ଚାଇଥିଲେ। ସେଠାରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ପୂଜାର୍ଚ୍ଚନା ଓ ହୋମଯଜ୍ଞର ଆୟୋଜନ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ବଉଳଛକସ୍ଥିତ ବାସଭବନକୁ ନିଆଯାଇଥିଲା। ସମସ୍ତ ବଜାର କମିଟି, ବିଭିନ୍ନ ଅନୁଷ୍ଠାନ, ବାର୍ ଆସୋସିଏଶନ ଏଥିରେ ସାମିଲ ହୋଇଥିବା ବେଳେ ଘରେ ଘରେ ଦୀପ ଲଗାଇ ବନ୍ଦାପନା କରାଯାଇଥିଲା। ଭାଜପାର ବରିଷ୍ଠ ନେତା କାଳନ୍ଦୀ ସାମଲ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ଜିତେନ୍ଦ୍ର ଦାସ, ସତ୍ୟବନ୍ତ ସାହୁ, ରାଜେନ୍ଦ୍ର ସିଂହ, ରତ୍ନାକର ସାହୁ, ମନୋଜ ପ୍ରଧାନ, ବିଭୂତି ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଶୁଭମ କହିଛନ୍ତି, ରାମଲାଲାଙ୍କୁ ଦର୍ଶନ କରିବା ପରେ ଜୀବନ ସାର୍ଥକ ହୋଇଗଲା। ଅଯୋଧ୍ୟା ଯିବା ରାସ୍ତାରେ କୌଣସି ଅସୁବିଧା ହୋଇନାହିଁ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ସମସ୍ତ ସହଯୋଗ କରିଥିଲେ।

# ଭୋଟଗଣନା କେନ୍ଦ୍ର ଉପରେ ସମୀକ୍ଷା

ଆଠମଲ୍ଲିକ,୮।୨ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲାପାଳ ମହମ୍ମଦ ଅବଦଲ ଅଖତାର ଗୁରୁବାର ଦିନିକିଆ ଆଠମଲ୍ଲିକ ଗସ୍ତରେ ଆସି ଆସନ୍ତା ସାଧାରଣ ନିର୍ବାଚନ ପାଇଁ ଆଠମଲ୍ଲିକ ମହାବିଦ୍ୟାଳୟରେ ହେବାକୁ ଯାଉଥିବା ମତଗଣନା କେନ୍ଦ୍ର ଉପରେ ସମୀକ୍ଷା କରିଛନ୍ତି। ଜିଲାପାଳ ଅଖତାର ପ୍ରଥମେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ର ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଆଠମଲ୍ଲିକ ମହାବିଦ୍ୟାଳୟକୁ ପରିଦର୍ଶନରେ ଯାଇ ହେବାକୁ ଯାଉଥିବା ମତଗଣନା କେନ୍ଦ୍ରକୁ ନେଇ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ସମୟରେ ଉପଜିଲାପାଳ ଡ. ପାତ୍ରଙ୍କ ସମେତ ତହସିଲଦାର ଶ୍ୟାମସୁନ୍ଦର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, କଲେଜ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ମେହେର ପ୍ରମୁଖ ଉପସ୍ଥିତ ଥିଲେ।



# ଆତ୍ମରକ୍ଷାର ମହତ୍ତ୍ୱ ନେଇ ସଚେତନତା

ଅନୁଗୋଳ,୮।୨(ଅମିତ ସାମଲ)

ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର ଏହାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକମାନେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ମହତ୍ତ୍ୱ ସମ୍ପର୍କରେ ସଚେତନ କରାଇଥିଲେ। ସୋନାଲିକା ପଣ୍ଡା ଓ ଶୈଳେନ୍ଦ୍ରୀ ପ୍ରଧାନ ଆତ୍ମସୁରକ୍ଷା ପ୍ରଶିକ୍ଷିକା ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ କୌଶଳ ଶିକ୍ଷାଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ଏସପି ସୁଧାଂଶୁ ଶେଖର ମିଶ୍ର ଯୋଗଦେଇ ଦୈନନ୍ଦିନ ଜୀବନରେ ଆତ୍ମରକ୍ଷାର ଆବଶ୍ୟକତା ସମ୍ପର୍କରେ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ସନ୍ଦୀପ ରାଉତ, ଅଧ୍ୟାପିକା ଶ୍ରୀଦେବୀ ସ୍ୱାଇଁ, ମନୀଷା ମାଝି, ରଶ୍ମିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।




ପ୍ରଶିକ୍ଷଣ ଶିବିରରେ ଅଂଶଗ୍ରହଣ କରିଥିବା ଅନୁଗୋଳ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀମାନେ।

## ପୋଖରୀରେ ବୁଡ଼ି ନାବାଳକ ମୃତ

ଅନୁଗୋଳ,୮।୨ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା ହାଣ୍ଡିହ ଗ୍ରାମ ପୋଖରୀରେ ବୁଡ଼ି ଗୁରୁବାର ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ପବିତ୍ର ନାୟକଙ୍କ ପୁଅ ବୀରେନ୍ଦ୍ର ନାୟକ(୧୨)। ପୂର୍ବାହ୍ନ ୮ଟାରେ ଗାଁର କେତେଜଣ ପିଲାଙ୍କ ସହିତ ବୀରେନ୍ଦ୍ର ଗାଁ ମୁଣ୍ଡରେ ଥିବା ବଡ଼ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଗାଧୋଇବା ବେଳେ ସେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ଅନ୍ୟ ପିଲାମାନେ ଖବର ଦେବାପରେ ଗାଁ ଲୋକେ ବୀରେନ୍ଦ୍ରଙ୍କୁ ପାଣିରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ଏ ସଂକ୍ରାନ୍ତରେ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଓଡ଼ାପଡ଼ା,୮।୨ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗଉଡ଼କାଟେଣିସ୍ଥିତ ସତ୍ୟମ ଶିବମ ସୁନ୍ଦରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ୬ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୨ କଲେଜ ଅଧ୍ୟକ୍ଷ ତାରାପ୍ରସନ୍ନ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁକ୍ତ୩ ଅଧ୍ୟକ୍ଷା ରଶ୍ମିତା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀମାନେ ନିଜକୁ ନିଜେ କିପରି ସୁରକ୍ଷିତ ରଖିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନର ଅସ୍ମିତା ପ୍ରିୟଦର୍ଶିନୀ ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ପ୍ରଦୀପ କୁମାର ସେନ ଓ ଅଧ୍ୟାପିକା ଅନୁପମା ଆଚାର୍ଯ୍ୟ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପିକା ଅଞ୍ଜନା କର ଧନ୍ୟବାଦ ଅର୍ପଣ କରିଥିଲେ।

# ସୁରକ୍ଷା ସମ୍ପର୍କରେ ଯତ୍ନବାନ ହୁଅ

ବଇଣ୍ଡା,୮।୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଅଙ୍ଗପଡ଼ା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା କୌଶଳ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟାପିକା କ୍ରିଷ୍ଣାରାଣୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ବଳରାମ ପ୍ରଧାନ ଯୋଗଦେଇ ଛାତ୍ରୀମାନେ କିଭଳି ସୁରକ୍ଷିତ ରହିବେ ସେ ନେଇ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିବୁଧେନ୍ଦ୍ର ସାହୁ ଯୋଗ ଦେଇଥିଲେ। ପ୍ରିୟଦର୍ଶିନୀ ପ୍ରଧାନ ପ୍ରଶିକ୍ଷକ ଭାବେ ଯୋଗଦେଇ କିଭଳି ବିପଦକୁ ମୁକାବିଲା କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ୬୫ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ।



ଆତ୍ମରକ୍ଷା ପ୍ରଶିକ୍ଷଣ ନେଇ ପ୍ରମାଣପତ୍ର ପାଇଥିବା ଛାତ୍ରୀମାନେ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ




ଆଠମଲ୍ଲିକ,୮।୨(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବ୍ଲକ ମଇମୁରା, କନ୍ତପଡ଼ା ଓ ଠାକୁରଗଡ଼ ୩ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଇମୁରା ପଞ୍ଚାୟତରେ ସରପଞ୍ଚ ଲତା ସେଠୀ, କନ୍ତପଡ଼ା ପଞ୍ଚାୟତରେ ସରପଞ୍ଚ ସୁଶ୍ରୀ ଶୁଭସ୍ମିତା ଓ ଠାକୁରଗଡ଼ ପଞ୍ଚାୟତରେ ସରପଞ୍ଚ ଚାରୁଲତା ମିଶ୍ର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସମସ୍ତ ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ଓ ପୋଷଣ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି, କୃଷି, ଜଙ୍ଗଲ, ମତ୍ସ୍ୟ, ଉଦ୍ୟାନ କୃଷି, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, କେନ୍ଦୁପତ୍ର, ସାମାଜିକ ସୁରକ୍ଷା, ପଞ୍ଚାୟତିରାଜ ଆଦି ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କୁ ବିଭାଗର ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଏହି ଉପଲକ୍ଷେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଏବିଡିଓ ଜ୍ୟୋତି ରଞ୍ଜନ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାମଚନ୍ଦ୍ର ଶତପଥୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁତୀକ୍ଷ୍ଣା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିପଦ ସମୟରେ ସଜାଗ ରହିବାକୁ ପରାମର୍ଶ

କଣିହାଁ,୮।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ମଦନମୋହନ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ କଣିହାଁ ଥାନା ସବ୍ ଇନ୍ସପେକ୍ଟର ଅରୁଣ ପଣ୍ଡା, ଅଧ୍ୟାପକ ଗିରିଗୋବର୍ଦ୍ଧନ ସାହୁ, ଗଣେଶ୍ୱର ଗଡନାୟକ ଯୋଗଦେଇ ବିପଦ ସମୟରେ ନିଜକୁ କିପରି ସୁରକ୍ଷିତ ରଖିପାରିବ ସେ ନେଇ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ନମିତା ସାହୁ, ସଂଯୋଜନା କରିଥିବାବେଳେ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ସେହିପରି ଓଡ଼ିଆ ଭାଷାର ସୁରକ୍ଷା ପ୍ରଦର୍ଶନ ଓ ପ୍ରସାରକୁ ନେଇ ପ୍ରତିଯୋଗିତା କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ବରିଷ୍ଠ ବରପୁତ୍ରଙ୍କ ଚିତ୍ରାଙ୍କନକୁ ନେଇ ୧୨ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ସତ୍ୟନାରାୟଣ ପରିଡା, ନାରାୟଣ ଦାସ, ଗଣେଶ୍ୱର ଗଡନାୟକ, ଦୀପକ ସାମଲ ପ୍ରମୁଖ ସହଯୋଗ କରିଥିଲେ।




# ସରକାରୀ ଯୋଜନା ସମ୍ପର୍କରେ ଜାଣିଲେ ଜନସାଧାରଣ

ଛେଣ୍ଡିପଦା,୮।୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତ ନିକଟସ୍ଥ ପଡିଆରେ ବୁଧବାର ସରକାରୀ ଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବିଡିଓ ତ୍ରିବିକ୍ରମ କୁମରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟାଙ୍ଗିରି ସରପଞ୍ଚ ଅମରେଶ ନାଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଶରତ କୁମାର ଗଡ଼ନାୟକ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଦସ୍ୟ ନଗେନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବିରଞ୍ଚି ସାହୁ, ବରିଷ୍ଠ ନାଗରିକ ଭାସ୍କର ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ବିପିନ ବିହାରୀ ନାଥ, ନୋଡାଲ ଅଧିକାରୀ ଭାବେ ଯନ୍ତ୍ରୀ କ୍ଷମା ସାଗର ସିଂ, ସମିତି ସଭ୍ୟ ମହେଶ୍ୱର ମାଝି ଯୋଗଦେଇ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଟାଙ୍ଗିରି ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶାରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ପଞ୍ଚାୟତ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ପଞ୍ଚାୟତର ପ୍ରାୟ ୨ହଜାରରୁ ଅଧିକ ଜନସାଧାରଣ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସାପୋଇନାଳି ଗ୍ରାମ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ସରକାରୀ ଯୋଜନା ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଞ୍ଚାୟତରେ ହୋଇଥିବା ଆମ ଓଡିଶା ନବୀନ ଓଡିଶା ଓ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରାଯାଇଥିଲା।



## ପରିକ୍ରମା ପ୍ରକଳ୍ପରେ ସାମିଲ ହେଲେ ସହସ୍ରାଧିକ ଶ୍ରଦ୍ଧାଳୁ

ତାଳଚେର,୮।୨ (ମନୋଜ ନନ୍ଦ)

ରାଜ୍ୟ ସରକାରଙ୍କ ପକ୍ଷରୁ ଜଗନ୍ନାଥ ଦର୍ଶନ ନିମନ୍ତେ ପୁରୀ ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ତାଳଚେର ପୌରାଞ୍ଚଳରୁ ନଗରପାଳ ପବିତ୍ର ଭୂତିଆଙ୍କ ନେତୃତ୍ୱରେ ଗୁରୁବାର ୧ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ତାଳଚେର ପୌରାଞ୍ଚଳର ୨୧ଟି ୱାର୍ଡରୁ ହଜାରେରୁ ଅଧିକ ମହିଳା, ପୁରୁଷ, ଯୁବତୀ ଯୁବକ ସକାଳ ୬ଟାରେ ପ୍ରାୟ ୧୫ଟି ସ୍ୱତନ୍ତ୍ର ବସ୍ ଯୋଗେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ସବୁ ୱାର୍ଡରୁ ଆଗ୍ରହୀ ଶ୍ରଦ୍ଧାଳୁ ଯେପରି ଜଗନ୍ନାଥ ଦର୍ଶନ କରାଇବା ପାଇଁ ପୁରୀ ଯିବେ ସେ ନେଇ ନଗରପାଳ ଭୂତିଆ ନିଜେ ଦାୟିତ୍ୱ ନେଇଥିଲେ। ପୌର ନିର୍ବାହୀ ଅଧିକାରୀ ବଳୟ ଦେହୁରୀ ମଧ୍ୟ ଉପସ୍ଥିତ ରହି ପ୍ରତ୍ୟେକ ବସ୍‌ରେ ପୌର କର୍ମଚାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରି ଦାୟିତ୍ୱର ସହ ପୁରୀ ଜଗନ୍ନାଥ ଧାମକୁ ଯାଇଥିବା ଜଣାପଡ଼ିଛି।

# ରାଣୀଭୂଇଁଙ୍କୁ ହରାଇ ଠେଲକନାଳୀ ଚାମ୍ପିୟନ



ବଇଣ୍ଡା,୮।୨(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ହଣ୍ଡପା ଥାନା କଟରଙ୍ଗା ପଞ୍ଚାୟତ ଆମ୍ବମୁଣ୍ଡା କପ୍ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ରାଣୀଭୂଇଁକୁ ହରାଇ ଠେଲକନାଳୀ ଚାମ୍ପିୟନ ହୋଇଛି। ପ୍ରଥମେ ରାଣୀଭୂଇଁ ବ୍ୟାଟିଂ କରି ୬୮ ରନ୍ କରିଥିଲା। ଜବାବରେ ଠେଲକନାଳୀ ୬୯ ରନ୍ କରି ଚାମ୍ପିୟନ ହୋଇଥିଲା। ବିଜୟୀ ଦଳର ଲିଟୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିବାବେଳେ ରାଣୀଭୂଇଁ ଦଳର ସରୋଜ ମ୍ୟାନ୍ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ରଞ୍ଜନ ପ୍ରଧାନ ଓ ନବୀନ ପ୍ରଧାନ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଅର୍ଜୁନ ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ଭାବେ ଲୋଚନ ପ୍ରଧାନ, ଅଗସ୍ତି ପ୍ରଧାନ, ଅରୁଣ ସାହୁ, ଅଶୋକ ସେଠୀ, ରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମନୋଜ ପ୍ରଧାନ, ଅଶ୍ୱିନୀ ପ୍ରଧାନ, ସୁମନ୍ତ ସେଠୀ, ରଞ୍ଜନ ସାହୁ, ଦେବାଶିଷ ସାହୁ, ଆଶିଷ ସାହୁ ସହଯୋଗ କରିଥିଲେ।

**୫ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ**

କାମାକ୍ଷାନଗର,୮।୨ (ଅମଜାଦ ଖାନ): କାମାକ୍ଷାନଗର ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ନକଲି ଦସ୍ତଖତ କରି ମହାବିଦ୍ୟାଳୟର ପିଅନ ଅନିଲ ଦେହୁରୀ ୫ଲକ୍ଷ ୧୬ ହଜାର ଟଙ୍କା ହଡପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଅଧକ୍ଷ ମଙ୍ଗୁଳୁ ନାଏକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତଦନ୍ତ ପରେ ଅଧିକ ତଥ୍ୟ ସହିତ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଦାୟିତ୍ୱରେ ଥିବା ଥାନା ଅଧିକାରୀ ସ୍ୱର୍ଣ୍ଣଲତା ସାହୁ କହିଛନ୍ତି।

# ହାତୀ ଆକ୍ରମଣରେ ଜିଲାରେ ମୃତ୍ୟୁ ସଂଖ୍ୟା ବଢୁଛି



ଭାଜପା ପକ୍ଷରୁ ଡିଏଫ୍ଓଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି।

- ଚେତୁନି ବନ ବିଭାଗ, ୧୫ ଦିନରେ ୧୨ ମୃତ
- ଭାଜପା ପକ୍ଷରୁ ତାଲା ପକାଇ ଡିଏଫ୍ଓ ଅଫିସ ଘେରାଉ

ଢେଙ୍କାନାଳ,୮।୨(ରତନ ନାୟାର)

ଢେଙ୍କାନାଳ ଜିଲାରେ ହାତୀ ଆକ୍ରମଣରେ ଲୋକଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ୧୫ ଦିନ ମଧ୍ୟରେ ୧୨ଜଣଙ୍କ ଜୀବନ ହାତୀ ଆକ୍ରମଣରେ ଯାଇଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି। ବିଶେଷକରି ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ଅଧିକ ଧନଜୀବନ କ୍ଷୟକ୍ଷତି ହେଉଥିବା ବେଳେ ବନବିଭାଗର ଦୃଷ୍ଟି ଆକର୍ଷଣ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଭାଜପା ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଜିଲା ଭାଜପା ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ଢେଙ୍କାନାଳ ଜିଲା ବନଖଣ୍ଡ କାର୍ଯ୍ୟାଳୟକୁ ଘେରାଉ ସହ ତାଲା ପକାଇ ଦିଆଯାଇଥିଲା। ଏଥିସହିତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

ଭାଜପା ପକ୍ଷରୁ କୁହାଯାଇଛି, ଗତ ୨ଦିନ ତଳେ ଯୋରନ୍ଦା ଅଞ୍ଚଳରେ ଗୋଠଛଡ଼ା ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ହେବା ପରେ ଦିନ ବେଳେ ଲୋକମାନେ ବାହାରକୁ ବାହାରିବାକୁ ଭୟ କରୁଛନ୍ତି। ଯୋରନ୍ଦା ରେଡିଓ ଷ୍ଟେଶନ ନିକଟସ୍ଥ କାଜୁ ଜଙ୍ଗଲରେ ଗୋଠଛଡ଼ା ଦନ୍ତାହାତୀଟି ରହିଥିବା ବେଳେ ବନବିଭାଗ ଏହାକୁ ଘଉଡ଼ାଇବା ପାଇଁ ଚେଷ୍ଟା କରୁନାହିଁ। ସରକାରଙ୍କ ରିପୋର୍ଟ ଅନୁଯାୟୀ ରାଜ୍ୟରେ ଢେଙ୍କାନାଳ ଜିଲାରେ ହିଁ ହାତୀ ଆକ୍ରମଣରେ ସର୍ବାଧିକ ଲୋକ ପ୍ରାଣ ହରାଉଛନ୍ତି। ଏଥିପାଇଁ ବନବିଭାଗକୁ ଦାୟୀ କରିବା ସହିତ ଦଳୀୟ ନେତୃବୃନ୍ଦ ବନଖଣ୍ଡ ଅଧିକାରୀଙ୍କ ତୁରନ୍ତ ବଦଳି ଦାବି କରିଥିଲେ। ଏହାପରେ ବନଖଣ୍ଡ ଅଧିକାରୀଙ୍କ ଅନୁରୋଧ କ୍ରମେ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଆଲୋଚନା କରାଯାଇଥିଲା। ଆଗକୁ ଯେପରି ହାତୀ ଆକ୍ରମଣରେ କାହାରି ମୃତ୍ୟୁ ନ ହୁଏ, ସେଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ଜିଲା ବନଖଣ୍ଡ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଦଳ ପକ୍ଷରୁ ସୂଚନା ଦିଆଯାଇଛି। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର, ବରିଷ୍ଠ ନେତା ରାମଚନ୍ଦ୍ର ପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଲିକ, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ରତିକାନ୍ତ ସାହୁ, ବିଷ୍ଣୁ ପ୍ରସାଦ ଲେଙ୍କା, ସନାତନ ବେହେରା, ସଞ୍ଜୀବ ମହାପାତ୍ର, ମହାଦୀପ ଯଶୋବନ୍ତ ମହିମା, ସସ୍ମିତା ସାମଲ, ଅନିତ ଦାସ, ରମେଶ ସାମଲ, ଦୀପକ ପ୍ରସାଦ ପଟ୍ଟନାୟକ, ନିରୋଦ କୁମାର ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଓ ନେତୃବୃନ୍ଦ ଧାରଣାରେ ସାମିଲ ହୋଇଥିଲେ।

# ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ଦାବିରେ ଥାନା ଘେରାଉ



ଶିବପୁର ଗ୍ରାମର ମହିଳାମାନେ କଣ୍ଟାବଣିଆ ଥାନା ଘେରାଉ କରିଛନ୍ତି।

## ଶିବପୁର ଗ୍ରାମର ମହିଳା ତାତିଲେ

ଢେଙ୍କାନାଳ,୮।୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଶିବପୁର ଗ୍ରାମର ଶତାଧିକ ମହିଳା ଗୁରୁବାର ମଧ୍ୟାହ୍ନରେ ଗ୍ରାମରେ ମଦବିକ୍ରି ସମ୍ପୂର୍ଣ୍ଣ ବନ୍ଦ ଦାବିକରି ଥାନା ଘେରାଉ କରିଥିଲେ। ଗ୍ରାମବାସୀ କହିଛନ୍ତି, ଗ୍ରାମର ଅଧିକାଂଶ ଯୁବବର୍ଗ ନିକଟରେ ଥିବା କଳ କାରଖାନାରେ ଦିନ ମଜୁରିଆ ଭାବେ କାମକରି ପରିବାର ପ୍ରତିପୋଷଣ କରୁଛନ୍ତି। ସ୍ୱଳ୍ପ ରୋଜଗାର ମଧ୍ୟରେ ପରିବାର ଚଳାଇବା ସେମାନଙ୍କ ପାଇଁ କଷ୍ଟକର ହୋଇଥାଏ। ଗ୍ରାମର କେତେଜଣ ଅସାଧୁ ବ୍ୟକ୍ତି ଉକ୍ତ ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦ ଚୋରାରେ ବିକ୍ରି କରୁଛନ୍ତି। ଫଳରେ ଗ୍ରାମର ଯୁବକମାନେ ଏଥିରେ ପ୍ରଭାବିତ ହେଉଥିବାରୁ ସହିତ ଗ୍ରାମରେ ଗଣ୍ଡଗୋଳ, ବିଶୃଙ୍ଖଳା ଓ ଅଶାନ୍ତି ବଢୁଛି। ଗ୍ରାମରେ ଶାନ୍ତି ଭଙ୍ଗ ହେଉଛି। ମହିଳାମାନଙ୍କ ଚିନ୍ତା ବଢ଼ିବାରେ ଲାଗିଛି । ପରିବାରଗୁଡିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏସବୁକୁ ଦୃଷ୍ଟିରେ ରଖି ଗାଁର ବୁଦ୍ଧିଜୀବୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏକାଠି ହୋଇ ମଦ ବିକ୍ରି ବନ୍ଦ କରିବା ସହିତ କେହି ମଦ୍ୟପାନ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଜଣେ ଦେଶୀ ମଦ ବ୍ୟବସାୟୀ ଗ୍ରାମର ଲୋକମାନଙ୍କୁ ଧମକଚମକ ଦେବା ସହିତ ଗାଳିଗୁଲଜ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ଗ୍ରାମରେ ସମ୍ପୂର୍ଣ୍ଣ ମଦବିକ୍ରି ବନ୍ଦ କରିବା ନେଇ ସମସ୍ତ ମହିଳା କଣ୍ଟାବଣିଆ ଥାନା ଅଧିକାରୀ ତୁଳସୀ ଭୂୟାଁଙ୍କୁ ଲିଖିତ ଭାବରେ ଦାବିପତ୍ର ପ୍ରଦାନ କରିଛନ୍ତି।

# ମାର୍ଚ୍ଚ ସୁଦ୍ଧା ରାଜପଥ କାମ ସରିବା ସମ୍ଭାବନା କମ୍

## ଲୋକ ସଭାରେ ପୁଣି ପ୍ରସଙ୍ଗ ଉଠାଇଲେ ଢେଙ୍କାନାଳ ଏମ୍ପି




ଢେଙ୍କାନାଳ,୮।୨(ରତନ ନାୟାର)

ଢେଙ୍କାନାଳ ଓ ଅନୁଗୋଳ ଜିଲା ଦେଇ ଯାଇଥିବା ୫୫ନଂ ଜାତୀୟ ରାଜପଥର ଉନ୍ନତୀକରଣ କାର୍ଯ୍ୟ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ସରିବା ସମ୍ଭାବନା କମ୍ ବୋଲି ଏମ୍ପି ମହେଶ ସାହୁ ଗୁରୁବାର ଲୋକସଭାରେ ଏହି ପ୍ରସଙ୍ଗକୁ ପୁଣିଥରେ ଉଠାଇଛନ୍ତି। କଟକ, ଢେଙ୍କାନାଳ, ଅନୁଗୋଳ ଓ ସମ୍ବଲପୁର ଜିଲାର ଲାଇଫ୍ ଲାଇନ୍ କୁହାଯାଉଥିବା ୫୫ନଂ ଜାତୀୟ ରାଜପଥ ଯୋଗୁ କେନ୍ଦ୍ର ସରକାର ୧ଲକ୍ଷ ହଜାର କୋଟି ଟଙ୍କା ରାଜସ୍ୱ ପାଉଛନ୍ତି। କିନ୍ତୁ ୫ବର୍ଷ ବିତିଯିବା ପରେ ମଧ୍ୟ ଜାତୀୟ ରାଜପଥ କାର୍ଯ୍ୟ ଶେଷ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ବରିଷ୍ଠ ଏମ୍ପି ଭର୍ତ୍ତୃହରି ମହତାବଙ୍କ ସହିତ ଢେଙ୍କାନାଳ ଏମ୍ପି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ସାକ୍ଷାତ କରି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ପରେ ମଧ୍ୟ ରାଜପଥ ଉନ୍ନତୀକରଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ସବୁଠି ମୋଦି ଗ୍ୟାରେଣ୍ଟି ହିସାବ ଦିଆଯାଉଥିବା ବେଳେ ୫୫ନଂ ଜାତୀୟ ରାଜପଥ କ୍ଷେତ୍ରରେ ମୋଦି ଗ୍ୟାରେଣ୍ଟି ହିସାବ ମିଳୁନି ବୋଲି ଏମ୍ପି ମହେଶ ସାହୁ ପ୍ରସଙ୍ଗ ମାଧ୍ୟମରେ କହିବା ସହିତ ଯଥାସମ୍ଭବ ରାଜପଥର ଉନ୍ନତୀକରଣ କାର୍ଯ୍ୟ ସାରିବା ପାଇଁ କେନ୍ଦ୍ର ସରକାର ଯତ୍ନବାନ ହେବେ ବୋଲି ଆଶାବ୍ୟକ୍ତ କରିଥିଲେ।

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

କଣିହାଁ,୮।୨(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଏନ୍‌ଟିପିସି ବଣିକ ସଂଘ ପକ୍ଷରୁ ମଙ୍ଗଳବାରଠାରୁ ତେଲିସିଂହା ଛକରେ ଚାଲିଥିବା ଆନ୍ଦୋଳନ ଗୁରୁବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। ଏନ୍‌ଟିପିସି ବଜାର ମଧ୍ୟ ଦେଇ ଯାଇଥିବା ଜାତୀୟ ରାଜପଥରେ ୨୪ଘଣ୍ଟିଆ କୋଇଲା ଓ ପାଉଁଶ ପରିବହନକୁ ବିରୋଧ କରି ସଂଘ ପକ୍ଷରୁ ଆନ୍ଦୋଳନ ଚାଲିଥିଲା। ବଣିକ ସଂଘର ଦାବି ଉପରେ ଆସନ୍ତା ୧୭ ତାରିଖରେ ଆଲୋଚନା ହୋଇ ସମାଧାନ କରାଯିବ ବୋଲି ଗୁରୁବାର ତାଳଚେର ଉପଜିଲାପାଳ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା ବଣିକ ସଂଘର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି ଏହି ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ।

# ଅଭିଯୁକ୍ତଙ୍କୁ ୧ ବର୍ଷ କାରାଦଣ୍ଡାଦେଶ

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

ଢେଙ୍କାନାଳ,୮।୨(ରତନ ନାୟାର)

ଢେଙ୍କାନାଳ ସହର ସରଜଙ୍ଗ ସାହିରେ ୨୦୧୯ ମସିହାରେ ଅମିତ ନାଏକ ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ କରି ଢେଙ୍କାନାଳ ଏସ୍‌ଡିଜେଏମ୍ ଘଟଣାର ଅଭିଯୁକ୍ତ କାଳିଆ ନାଏକଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ଗତ ୨୩ ଜାନୁଆରୀ ୨୦୧୯ରେ ଅମିତ ସରଜଙ୍ଗ ସାହିରେ ଥିବା ଖୁନା ନାଏକଙ୍କ ଜଳଖିଆ ଦୋକାନରେ ଛିଡା ହୋଇଥିଲେ। ଏହି ସମୟରେ ଉକ୍ତ ସାହିର କାଳିଆ ନାଏକ(୪୦) ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏକ ଲୁହା ଛଡ଼ରେ ଅମିତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅମିତଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ.୨୨।୨୩ରେ ଏକ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ବିଚାର କରି ଢେଙ୍କାନାଳ ଏସ୍‌ଡିଜେଏମ୍ ସୁଧୀରଞ୍ଜନ ଦାସ ପୀଡ଼ିତ ଓ ଡାକ୍ତରଙ୍କ ସମେତ ୭ଜଣଙ୍କ ସାକ୍ଷପ୍ରମାଣ ଓ ଡାକ୍ତରୀ ରିପୋର୍ଟକୁ ଆଧାର କରି ଅଭିଯୁକ୍ତ କାଳିଆଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୧ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ଅମିୟ ପ୍ରସାଦ ଦଳେଇ ମାମଲା ପରିଚାଳନା କରିଥିବା ବେଳେ ଏପିପି ଉମେଶ ପ୍ରସାଦ ପାଣିଗ୍ରାହୀ ଓ ସୁଶାନ୍ତ ହୋତା ସହଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ୧ବର୍ଷ ଜେଲ

ଢେଙ୍କାନାଳ,୮।୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଗୁଡିଆକାଟେଣୀ ଛକରେ ଥିବା ଏକ ଲୁଗା ଦୋକାନରେ କାମ କରୁଥିବା ଜଣେ ମହିଳାଙ୍କୁ ଅସଦାଚରଣ କରିବା ମାମଲାର ବିଚାର କରି ଢେଙ୍କାନାଳ ଫାଷ୍ଟଟ୍ରାକ୍ ଅଦାଲତର ବିଚାରପତି ସୂର୍ଯ୍ୟମଣି ମହାପାତ୍ର ଗୁରୁବାର ଘଟଣାର ଅଭିଯୁକ୍ତ ଜଗନ୍ନାଥ ସ୍ୱାଇଁ(୪୪)ଙ୍କୁ ୧ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ସମ୍ପୃକ୍ତ ମହିଳା ୧୫ ମାର୍ଚ୍ଚ ୨୦୨୩ ରାତି ପ୍ରାୟ ୮ଟାରେ ଦୋକାନରୁ ଫେରୁଥିବା ବେଳେ ବାଟରେ ନାଧରା ଗ୍ରାମର ଜଗନ୍ନାଥ ମହିଳାଙ୍କୁ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଖସି ପଳାଇ ଆସିଥିବା ବେଳେ ଜଗନ୍ନାଥ ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ଏ ସଂକ୍ରାନ୍ତରେ ମହିଳା ଜଣକ ମୋଟଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାରର ବିଚାର କରି ଢେଙ୍କାନାଳ ଫାଷ୍ଟଟ୍ରାକ୍ ଅଦାଲତ ବିଚାରପତି ପୀଡ଼ିତାଙ୍କ ଜମାନବନ୍ଦୀ, ଡାକ୍ତରୀ ମାଇନା ଓ ୭ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ଜଗନ୍ନାଥଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ସାଇଶ୍ରୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ସାତମାଇଲ,୮।୨(ସୁଶାନ୍ତ ପତି)

ହିନ୍ଦୋଳ ବ୍ଲକ ସାତମାଇଲସ୍ଥିତ ଜନତା ମହାବିଦ୍ୟାଳୟ ପରିସରରେ ଚାଲିଥିବା ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଯୁକ୍ତ ୩ ବିଭାଗ ସଂଯୋଜିକା ଡ. ପୁଷ୍ପରାଣୀ ନାଥ ଅତିଥି ପରିଚୟ ଦେଇଥିଲେ। ଅଧ୍ୟକ୍ଷ ମହେଶ୍ୱର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଓଡ଼ିଆ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ଆଠମଲ୍ଲିକ ମହାବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ହୃଷୀକେଶ ମହାଖୁଡ଼ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ଅଧ୍ୟାପକ ଡ. ନରେଶ ନାଏକ ପରିଚାଳନା କରିଥିଲେ। ସଭ୍ୟା ପ୍ରଜ୍ଞାପାରମିତା ବିଶ୍ୱାଳ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅତିଥିମାନେ ଆମ ମାତୃଭାଷା ଓଡିଆ ଭାଷାର ମହନୀୟତା ବିଷୟରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ଓଡିଆ ଭାଷା ସାହିତ୍ୟର ଦକ୍ଷତା ବୃଦ୍ଧି ନିମନ୍ତେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଇତିହାସ ବିଭାଗ ଅଧ୍ୟାପିକା ସଂଯୁକ୍ତା ବେହେରା ସହଯୋଗ କରିଥିଲେ। ଯୁକ୍ତ ୨ ବିଭାଗ ସଂଯୋଜିକା ଡ. ଗୌତମୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



# ଏବେ ବି ଗଡୁଛି ଜେଜେବାପାଙ୍କ ସାଇକେଲ

କାମାକ୍ଷାନଗର,୮।୨(ଅମ୍‌ଜାଦ୍ ଖାନ୍)



ଅନେକ ପରିବାରରେ ବରିଷ୍ଠ ନାଗରିକ ଅବହେଳାର ଶିକାର ହେଉଛନ୍ତି। ନିଜର ଲୋକମାନଙ୍କ ଦ୍ୱାରା ଉପେକ୍ଷିତ ହେଉଛନ୍ତି। ଆଦର, ଯତ୍ନ ତ ଦୂରର କଥା ସମ୍ମାନ ଟିକେ ଦେବାକୁ ସେମାନେ ଉଚିତ ମଣୁନାହାନ୍ତି। ଏପରି ଘଟଣା ଏବେ ନିତିଦିନିଆରେ ପରିଣତ ହେଲାଣି। ହେଲେ ଏବେ ବି କେତେକ ପରିବାର ବରିଷ୍ଠଙ୍କୁ ବେଶ୍ ଗୁରୁତ୍ୱ ଦେଉଛନ୍ତି। ଏପରି କି ସ୍ୱର୍ଗବାସ ପରେ ମଧ୍ୟ ବରିଷ୍ଠମାନେ ବ୍ୟବହାର କରୁଥିବା ସାମଗ୍ରୀକୁ ସନ୍ତକ କରି ନିଜକୁ ଗୌରବାନ୍ୱିତ ମନେ କରୁଛନ୍ତି। କେହି କେହି ତ ତାହାକୁ ନିଜ କାର୍ଯ୍ୟରେ ଲଗାଉଛନ୍ତି। ଜେଜେବାପାଙ୍କ ସାଇକେଲକୁ ଏବେ ବି ବ୍ୟବହାର କରି ଏହାର ଉଦାହରଣ ପାଲଟିଛନ୍ତି ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ମଡ଼ିସାହିର ବରିଷ୍ଠ ଓକିଲ ଦ୍ୱିତୀକୃଷ୍ଣ ବିଶ୍ୱାଳ (୬୯) ଓ ତାଙ୍କ ପରିବାର।

ଦ୍ୱିତୀକୃଷ୍ଣଙ୍କ କହିବା ଅନୁଯାୟୀ, ତାଙ୍କ ଜେଜେବାପା ତଥା ତତ୍କାଳୀନ ମଡ଼ି ଗାଁ ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ତଥା ମାନିତ ପଞ୍ଚାୟତ ସଭାର ମୁଖିଆ ଓ ଗାଁ ସଭାପତି ଲମ୍ବୋଦର ବିଶ୍ୱାଳ ୧ ଅଗଷ୍ଟ ୧୯୪୫ରେ କଲିକତାରୁ ସିକ୍ସସି (ଜିପ୍ ମଡେଲ) ମେଡ୍ ଇନ୍ ବର୍ମିହାମ୍ ଇଂଲଣ୍ଡର ଏକ ସାଇକେଲ କିଣିଥିଲେ। ଯାହାର ମୂଲ୍ୟ ଥିଲା ୪୦ ଟଙ୍କା। ସେ ସମୟରେ ଉକ୍ତ ସାଇକେଲକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଥିଲା। ପିଢ଼ି ପରେ ପିଢି ବିତି ଯାଇଥିଲେ ମଧ୍ୟ ସାଇକେଲଟି ଆଜି ପର୍ଯ୍ୟନ୍ତ ସୁରକ୍ଷିତ ରହିଛି। ଏପରି କି ଲମ୍ବୋଦରଙ୍କ ପରେ ତାଙ୍କ ପୁତ୍ର ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରମୋଦ ବିଶ୍ୱାଳ ତାହାକୁ ବ୍ୟବହାର କରୁଥିଲେ। ତାଙ୍କ ପରେ ନାତି ଦ୍ୱିତୀକୃଷ୍ଣ ଉକ୍ତ ସାଇକେଲକୁ ଚଳାଇଛନ୍ତି। ଜେଜେଙ୍କ ଏହି ସନ୍ତକର ଉତ୍ତରାଧିକାରୀ ହୋଇ ଗର୍ବ ଅନୁଭବ କରୁଛି ବୋଲି ଦ୍ୱିତୀକୃଷ୍ଣ ପ୍ରକାଶ କରିଛନ୍ତି।

# ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ

ଭୁବନ,୮।୨(ବିପିନ ବିହାରୀ ସେଠୀ)

ଭୁବନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଚାଲିଥିବା ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଓ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ପୋଥାଳ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ. ପ୍ରମୋଦ କୁମାର ମିଶ୍ର ଯୋଗଦେଇ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦର ଉପନଗରପାଳିକା ମାନିନୀ ସାହୁ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ସୁପ୍ତିମୟୀ ସେନ ପରିଚାଳନା କରିଥିଲେ। ଅଧ୍ୟାପିକା ମଞ୍ଜୁସା ମଞ୍ଜରୀ ମିଶ୍ର ଧନ୍ୟବାଦ ଦେଇଥିଲେ। ସମସ୍ତ ଅଧ୍ୟାପିକାଅଧ୍ୟାପକ, କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରଣତି ବେହେରା, ବାସନ୍ତୀ ବେହେରା, ଅଧ୍ୟାପକ ଶାନ୍ତନୁ ମିଶ୍ର, ସୁଧାଂଶୁ ଶେଖର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



# ଗାଇଡ୍ କ୍ୟାମ୍ପୋରିରେ ମାତୃଭବନ ବାରଦାର ସଫଳତା



ମାତୃଭବନ ବାରଦା ହାଇସ୍କୁଲକୁ ପୁରସ୍କୃତ କରାଯାଉଛି।

ଢେଙ୍କାନାଳ,୮।୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ମାତୃଭବନ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ସ ୨ଜଣ ଓ ଗାଇଡ୍ସ ୯ଜଣ ସଫଳତା ହାସଲ କରିଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ବାରିହାପୁରଠାରେ ଅନୁଷ୍ଠିତ ଜିଲାସ୍ତରୀୟ ୩୬ ତମ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ କ୍ୟାମ୍ପୋରିରେ ଏମାନେ ସ୍କାଉଟ୍ସ ମାଷ୍ଟର ବିଜୟ କୁମାର ନନ୍ଦଙ୍କ ତତ୍ତ୍ୱାବଧାନରେ ଯୋଗଦାନ କରିଥିଲେ। ବିଦ୍ୟାଳୟର ସ୍କାଉଟ୍ସ ଏବଂ ଗାଇଡ୍ସମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଏବଂ ମାନପତ୍ର ଗ୍ରହଣ କରିଥିଲେ। ସ୍କାଉଟ୍ସ ମାଷ୍ଟର ବିଜୟ କୁମାର ନନ୍ଦଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଟ୍ରଫି ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ଗାଇଡ୍ସ ଅର୍ଚ୍ଚିତା ବେହେରା ୨୦୨୪ର ଶ୍ରେଷ୍ଠ ଗାଇଡ୍ସ ହିସାବରେ ମୁଖ୍ୟ ଅତିଥିଙ୍କ ଠାରୁ ମାନପତ୍ର ଏବଂ ଟ୍ରଫି ଗ୍ରହଣ କରିଥିଲେ। ଏହି ଅବସରରେ ସ୍କାଉଟ୍ସ ଗାଇଡ୍ସର ଜାତୀୟ ଉପସଭାପତି ଡ. କାଳୀପ୍ରସାଦ ମିଶ୍ର, ରାଜ୍ୟ ସ୍କାଉଟ୍ସ ଗାଇଡ୍ସର ପ୍ରଶାସକ ଅନାମିକା ଦାସ, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଅତିରିକ୍ତ ଶିକ୍ଷାଧିକାରୀ ସସ୍ମିତା ସାହୁ, ଜିଲା ସ୍କାଉଟ୍ସ ଗାଇଡ୍ସ ସମ୍ପାଦକ ଜ୍ୟୋତି ପ୍ରକାଶ ପରିଡା ଏବଂ ପ୍ରକାଶ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂପଶ୍ରୀ ରଥ, ଶିକ୍ଷକ ଅଶୋକ କୁମାର ଦାସ, ଚନ୍ଦ୍ରମଣି ଦଳବେହେରା, ଅରୁଣ କୁମାର ଓଝା, ସୁଜାତା ଦାସ, କଳ୍ପନା ଆଚାର୍ଯ୍ୟ ଏବଂ ପରିଚାଳନା କମିଟିର ସଦସ୍ୟ, ଛାତ୍ରୀଛାତ୍ର ଅଭିଭାବକ ଓ ଅଞ୍ଚଳର ଜନସାଧାରଣ ସ୍କାଉଟ୍ସ ମାଷ୍ଟର ଗାଇଡ୍ସ କ୍ୟାପ୍‌ଟେନ୍‌ଙ୍କୁ ସାଧୁବାଦ ଜଣାଇଥିଲେ ।

# ୨ ଦିନରେ ୨ ଚୋରି

କାମାକ୍ଷାନଗର,୮।୨(ସୁଧୀର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳରେ ଚୋରି ବଢିବାରେ ଲାଗିଛି। ବୁଧବାର ଅପରାହ୍ନରେ କାମାକ୍ଷାନଗର ଥାନା ଜଡାପାଳ ଛକ ନିକଟରୁ କନ୍ତିଓପୁଟସାହି ଗ୍ରାମର ସୁଦାମ ସାହୁ ତାଙ୍କ ସ୍ତ୍ରୀ ରିନା ସାହୁଙ୍କ ସହ କାମାକ୍ଷାନଗରରୁ ଗ୍ରାମକୁ ଫେରୁଥିବାବେଳେ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ୧ ଲକ୍ଷ ୧୦ ହଜାର ଟଙ୍କା ଲୁଟି ନେଇଥିଲେ। ସେହିପରି ଗୁରୁବାର ମଧ୍ୟାହ୍ନରେ ଫାଇନାନ୍ସ କମ୍ପାନୀର କର୍ମଚାରୀ ମଧୁସ୍ମିତା ସାହୁ ଗ୍ରାହକଙ୍କଠାରୁ ୬୭ ହଜାର ୬୬୦ ଟଙ୍କା ଧରି ଆସୁଥିବାବେଳେ ମହୁଲପାଳ ଜିରାଳ ରାସ୍ତାର ଖୋକସା ନିକଟରୁ ୨ ଜଣ ଦୁର୍ବୃତ୍ତ ତାଙ୍କୁ ମାରଣାସ୍ତ୍ର ଦେଖାଇ ଆଦାୟ ଅର୍ଥ ଲୁଟିନେଇ ଫେରାର ହୋଇଯାଇଥିଲେ। ଏ ନେଇ କାମାକ୍ଷାନଗର ଥାନାରେ ୨ଟି ମାମଲା ରୁଜୁ ହୋଇଛି।

# ତୃତୀୟ ହୋଇଥିବା ଢେଙ୍କାନାଳ ପୁରୁଷ ଦଳକୁ ସମ୍ବର୍ଦ୍ଧନା

## ନୂଆ-ଓ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତା

ଢେଙ୍କାନାଳ,୮।୨(ରତନ ନାୟାର)

ନୂଆ-ଓ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ଢେଙ୍କାନାଳ ଜିଲା ପୁରୁଷ ଦଳ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି ଉପଲକ୍ଷେ ଢେଙ୍କାନାଳ ପୁରୁଷ ହକି ଦଳକୁ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲାପାଳ ମନୋରଞ୍ଜନ ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ପ୍ରମୁଖ ହକି ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଆଗକୁ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ହକି ପ୍ରଶିକ୍ଷକ ଫ୍ଲୋରେନ୍ସିଆ ଏକ୍କା, ଟାଟା ନାଭାଲ ହକି ପ୍ରଶିକ୍ଷକ ସାଇ ପ୍ରସାଦ ଦଳେଇ ଓ ବାବୁଲା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଖେଳାଳିମାନଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ପ୍ରତିଯୋଗିତାର ପ୍ରଥମ ମ୍ୟାଚରେ ଢେଙ୍କାନାଳ ପୁରୁଷ ଦଳ ୬-୦ ଗୋଲରେ ଭଦ୍ରକକୁ, ଦ୍ୱିତୀୟ ମ୍ୟାଚରେ ୫-୦ ଗୋଲରେ ଦେବଗଡ଼କୁ ପରାସ୍ତ କରି ସେମି ଫାଇନାଲରେ ସଡନ୍ ଡେଥ୍‌ରେ ୩-୧ରେ ସୁନ୍ଦରଗଡ଼ ଦଳଠାରୁ ହାରି ଯାଇଥିଲା। ଏହାପରେ ପ୍ରତିଯୋଗିତାର ତୃତୀୟ ସ୍ଥାନ ପାଇଁ ହୋଇଥିବା ମ୍ୟାଚରେ ଢେଙ୍କାନାଳ ଜିଲା, ସମ୍ବଲପୁର ଜିଲାକୁ ସୁଟଆଉଟରେ ୩-୧ ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଥିଲା। ପୁରସ୍କାର ବାବଦକୁ ଖେଳାଳିମାନେ ନଗଦ ୫୦ ହଜାର ଟଙ୍କା ଓ ଟ୍ରଫି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କ ଠାରୁ ଗ୍ରହଣ କରିଥିଲେ ।




ଢେଙ୍କାନାଳ ପୁରୁଷ ହକି ଦଳକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

